ଦ୍ରୋଣଙ୍କର ହସ୍ତିନା ଆଗମନ, କୃପଙ୍କ ଘରେ ବାସ ଓ ଗୁରୁପଦ ଲାଭ
ବଦୟନ୍ତି ଅଗସ୍ତି ଶୁଣ ବଇବସୁତ ମନୁ
ପ୍ରଶୁରାମଙ୍କ ବନ୍ଦନା କଲେ ଭାରଦ୍ୱାଦଶଙ୍କ ତନୁ । ୧ ।
ସମସ୍ତ ବିଦ୍ୟା ଦିଲେ ସେ ଜମଦଅଗ୍ନିଙ୍କ ଶିଷି
ବିଦ୍ୟା ସାର୍ଥୁକ ହୋଇଲେ ଦ୍ରୋଣ ମହାରଷି । ୨ ।
ଶସ୍ତ୍ରମାନ ଘେନିଲେ ଗୁରୁ ଦ୍ରୋଣେ
ଯେ ଯେବେ ପ୍ରାପତ ହୋଇଲା ନା ଜାଣିମା ୟେଥିର କାରଣେ । ୩ ।
-------

୩ "ଯେ ଯେବେ ପ୍ରାପତ ହୋଇଲା ନା ଜାଣିମା ୟେଥିର କାରଣେ" ପାଦାନ୍ତ ପରେ 'ଅନ୍ୟ' ପୋଥିରେ ଅଧିକା ପାଠ:

ଜୟୁ ତୁ ସରସ୍ୱତୀ ଗୋ ବିଷ୍ଣୁର ପାଟରାଣୀ
ବେଦ ଭାରତ ତୁ ଜାତ କଲୁ ପଦ୍ମ ଯୋନି ।
ଶ୍ୱେତ ବଦନୀ ଗୋ ଶୁକ୍ଳ ବର୍ଣ୍ଣ ଜ୍ୟୋତି
କାଶୀ ଦେଶରୁ ମା ଗୋ ହୋଇଲୁ ଉତପତ୍ତି ।

ଦ୍ରୁପଦ ଯେ ଆମ୍ଭନ୍ତ ଦିଲା ଅନେକ ଶାସ୍ତି
ଶରୀରେ ବ୍ୟଥା ପାଇଲୁ ଅନେକ ଦୁର୍ଗତି । ୪ ।
ସଂଗ୍ରାମ କରିବୁ ଆମ୍ଭେ ଦ୍ରୁପଦର ତୁଲେ
ଯୁଦ୍ଧ କରି ନ ପାରିବୁ ଯେ ବାଳୁତ ପୁତ୍ର ଥିଲେ । ୫ ।
ହସ୍ତିନାୟେ ଅଛନ୍ତି ଯେ କୃପ ନାମେ ଆଚାର୍ଯେ
ତାହାର ଘରେ ନେଇ ଛାଡିବା ବାଳୁତ ଆତ୍ମଜେ । ୬ ।
ପୁତ୍ର ରୁହାଇ ଆସିବୁ ପଞ୍ଚାଳ ଦେଶେ
ଦ୍ରୁପଦର ତୁଲେ ଯୁଦ୍ଧ କରିବୁ ନିରାଶେ । ୭ ।
ୟେତେକ ବିଚାରି ସେ ଗଲେ ହସ୍ତିନାକୁ
କରପତ୍ରେ ଧନୁ ଦ୍ରୋଣେ କାଖେ ଘେନିଲେ ଅଶସ୍ତମାକୁ । ୮ ।
ପ୍ରବେଶ ହୋଇଲେ ଯାଇଂ କୃପ ଆଚାର୍ଯ୍ୟଙ୍କ ଘରେ
ଦେଖିଣ ଆଚାର୍ଯେ ଆଶ୍ରିତ ହୋଇଲେ ସନିନ୍ଧରେ । ୯ ।
କୃପାଚାର୍ଯ୍ୟ ପୁଛାକଲେ ଭଗ୍ନୀକି ନ ଦେଖି
ସଂଗରେ ତୁମ୍ଭେ କିଂପା ନ ଆଣିଲ କୃପୀକି । ୧୦ ।
ଯେ ପୁତ୍ର ଗୋଟି ହାଦେ କାହାର ହୋ ଦ୍ରୋଣେ
ତପୀପଣ ଛାଡି କିଂପେ ଧଇଲ ଧନୁ ଦ୍ରୋଣେ । ୧୧ ।
ଅନେକ ବାଗେ ଯେ ପଚାରିଲେ କୃପେ
ଆସନେ ବସାଇଲେ ଗଉରୋବେ ସମୀପେ । ୧୨ ।
ସ୍ନାହାନ କରାଇ ଭୋଜନ ଦିଲେ ତ୍ରିପୁତି
ଆଞ୍ଚୋବନ ସାରି ଆସନେ ବସାଇଲେ ମହାଯତି । ୧୩ ।
------
ଅରୁଣ ଲୋଚନୀ ଗୋ ଗରୁଡ ଖଗ ନାସା
ବିଶାଳ କଟି ଗୋ ବୃଷାଳ ଦନ୍ତ ଭାସା ।
ବାହୁ ଯୁଗଳ ଗୋ ବୀଣା ଯନ୍ତ୍ରଧାରୀ
ନାନା କଉତୁକେ ଶ୍ରୀବିଷ୍ଣୁ ମନୋହାରୀ ।
ସ୍ନାନ ଦାନ ପାନ ମା ଗୋ ଅତିୟ ଗହନ
ଅଣ୍ଡିର କୋକିଳ ୟେହ୍ନେ ଚୂତ ଘନ ।
ଶରୀର ଶକତା ମା ଗୋ ବିଦ୍ୟାରେ ଆଧିପତି
ତେଣୁ କରି ପିତା ନାମ ଦିଲେ ସରସ୍ୱତୀ ।

କୃପ ଆଚାର୍ଯ୍ୟେ ପୁଚ୍ଛା କଲେକ ଦ୍ରୋଣଙ୍କୁ
ୟେ ଶହସ୍ରମାନ ହେ କେ ଦିଲା ତୁମ୍ଭଙ୍କୁ । ୧୪ । ସଂଖ୍ୟା
ସୁଷ୍ଟ ହୋଇ କହନ୍ତି ହରଷ ଭାବ ହୋଇ
ମୁକତିକଇଂ କାରଣ ପାଇଲୁ ୟେ ପୁତ୍ରକଇ । ୧୫ ।
ଆହୋ କୃପାଚାର୍ଯ୍ୟେ ବିପଦ ଆମ୍ଭକଇଂ ପଡିଲା
ୟେ ପୁତ୍ର ପ୍ରସବି ହାଦେ କୃପୀ ନାଶ ଗଲା । ୧୬ ।
କୃପେ ବିଷାଦ ହୋଇଲେ ତାହା ଶୁଣି
ଅତି ଦେଶାନ୍ତରୀ ହୋଇଲୁ ଅପ୍ରମାଣି । ୧୭ ।
ୟେଥେଂ ଯେବେ କରିଥଆନ୍ତ ଗୃହବାସ
ଆମ୍ଭ ଭଗ୍ନୀ କିଂପେ ହୁଅନ୍ତା ପ୍ରାଣ ନାଶ । ୧୮ ।
କୃପ ଆଚାର୍ଯ୍ୟଙ୍କର ଭାରିଯା ଲଘୁମଣି
ତାହା ଗୋଚରେ ଅଶସ୍ତମାକଇ ସମର୍ପିଲେ ଆଣି । ୧୯ ।
ୟେ ପୁତ୍ର ଗୋଟିକି ଗୋ ପାଳସି ଯତନେ
ଆମ୍ଭର ପୁତ୍ର ହୋ ହାଦେ ୟେହାକୁ ନ ଦେଖିବୁ ଭିନ୍ନେ । ୨୦ ।
ୟେତେ ଶୁଣି ଲଘୁ ପୁତ୍ରକୁ କାଖେ ଘେନି
ଆଶ୍ୱାସନା କରି ମୁଖେ ଚୁମ୍ବନ ଦିଲେ ପୁଣି । ୨୧ ।
ସମସ୍ତ ଶହସ୍ରମାନ ଘେନିଣ ଦ୍ରୋଣ ମହାକ୍ଷତ୍ରୀ
ବନସ୍ତେ ପଶି ବିଦ୍ୟା ସାଧନ୍ତି ନିତି ପ୍ରତି । ୨୨ । ସଂଖ୍ୟା
ପ୍ରଶୁରାମଙ୍କର ଶିକ୍ଷାୟେ ଚଳନ୍ତି ଶସ୍ତ୍ରମାନ
ଶରଘାତ ହୋଇପଡନ୍ତି ସମସ୍ତ ଜୀବମାନ । ୨୩ ।
ହରିଣ ବାହୁଟିଆ ଗଣ୍ଡା ଜୀବ ମାରି
କୃପ ଆଚାର୍ଯ୍ୟ ଘରକୁ ଆଣନ୍ତି ଭାର କରି । ୨୪ ।
ଶିବପୁର ନଗ୍ର କୌଶିକ ବ୍ରାହ୍ମଣ
ତାହାର ତହୁଂ କନ୍ୟା ଗୋଟିୟେ ପ୍ରଦାନ ହୋଇଲେ ଦ୍ରୋଣ । ୨୫ । ସଂଖ୍ୟା
ସେ କନ୍ୟାର ନାମ ଯେ ଅଟଇ ହରିତା
ସେ କୁମାରୀ ହୋଇଲା ଦ୍ରୋଣଙ୍କର ବନିତା । ୨୬ ।
ଫାଲଗୁନ୍ୟ ଶୁକଳପକ୍ଷ ସଉରିବାର ଷଷ୍ଠୀ
କୃପ ଆଚାର୍ଯ୍ୟେ ରାଇଲେ ଦ୍ରୋଣ ତପନିଷ୍ଠି । ୨୭ । horoscope
ବାରୁଣାବନ୍ତ ଆଖଡାକୁ ଚାଲ ଆମ୍ଭେ ଯିବା
ରାଜକୁମରମାନଙ୍କର ଶର ସାଧନ ଦେଖିବା । ୨୮ ।
କୃପେ ଦ୍ରୋଣେ ଗଲେ ହସ୍ତିନା ଆଖଡାକୁ
ଭୀଷ୍ମେ ପୁଅନ୍ତ ଖେଳାଉଛନ୍ତି ଶହସ୍ର ସୁତ୍ର ଜାଣିମାକୁ । ୨୯ । ସଂଖ୍ୟା
ଦ୍ରୋଣେ କୃପେ ଦୁହେଂ ଉଭା ହୋଇଣ ଅଛନ୍ତି
ଦେଖିଲେ ସମସ୍ତେ ଶର ସାଧନା କରନ୍ତି । ୩୦ ।
ଖେଳେ ଦ୍ରିଯୋଧନ ଲାଟ ଗୋଟିୟେ ମାରିଣ ଯେ ଦିଲା
ସେ ଲାଟ ଜୀର୍ଣ୍ଣ କୂପରେ ଯାଇଣ ପଡିଲା । ୩୧ ।
ଭୀଷ୍ମଙ୍କର ଅଗ୍ରତେ କହିଲେ ଯାଇଂ ଚାଟ
ବାମ୍ଫୀର ଭିତରେ ଦେବ ପଡିଲା ଯାଇ ଲାଟ । ୩୨ ।
ସଭିୟେ ରୁଣ୍ଡ ହୋଇଲେ ବାମ୍ଫୀ କୂପ ବେଢି
ଦେଖିଲେ ସାତତାଳ ଗଭୀରେ ଲାଟ ଅଛି ପଡି । ୩୩ । ସଂଖ୍ୟା
ଦ୍ରିଯୋଧନ ବୋଇଲା ୟେହା କାଢିବା କେମନ୍ତେ
ପଶିତ ନୁଆରିଲୁ ଗଭୀର ଅପ୍ରମିତେ । ୩୪ ।
ଦ୍ରୋଣ ବୋଇଲେ ୟେ ସାମାନ୍ୟ କୂପ ଗୋଟି
ୟେ ଛାର ପୁଣ କିସ ଦୃଷ୍ଟି ବିଦ୍ୟା ସେଟି । ୩୫ ।

ଦ୍ରିଯୋଧନ ବୋଇଲା ତୁମ୍ଭେ ହୋ କାହିଂର ବ୍ରାହ୍ମଣ
ଦୃଷ୍ଟି ବିଦ୍ୟା ବୋଇଲେ ଯେବେ ଲାଟ ଦେଖି ଆଣ । ୩୬ ।
କୃପାଚାର୍ଯ୍ୟଙ୍କୁ ବୋଇଲେ ଭାରଦ୍ୱାଦଶଙ୍କ ତନୟେ
ଉପାଡି ଆଣ ହୋ ଗୁଗୁଚିଆ ଲୋଚିୟେ । ୩୭ ।

----------

୨୯ ।୨ ଭୀଷ୍ମେ ପୁଅଙ୍କୁ କୋଥ ଖେଳାଉଛନ୍ତି ସୂତ୍ର ଜାଣିବାକୁ ।
ଭୀଷ୍ମେ ପୁଅଙ୍କୁ ଫନ୍ଦ କରାଉଛନ୍ତି ବିଦ୍ୟା ଜାଣିମାକୁ ।
କୋଥ ଖେଳାବନ୍ତି ସେ ମହାଶାନ୍ତି ମୂର୍ତ୍ତି ।
ଫନ୍ଦ ଖେଳ ଦେଖନ୍ତେ ଦେଖ ତୋଷ ମତି ।
୩୧ ।୨ ସୀଆ କୂପ ଗୋଟିକେ ସେ ଯାଇଣ ପଡିଲା
ସୀତା କୂପରେ ସେ ଯାଇଣ ପଡିଲା ।
୩୫ ।୨ ୟେ ଛାର କି ସାମାନ୍ୟ ଦୃଷ୍ଟି ବିଦ୍ୟା ହେଟି ।
୩୬ ।୨ ଉପାଡି ଆଣ ହୋ ଗୁଳୁଚିଆର ଫଳ ଲୋଚିୟେ ।

୨୯ ।୨ କୋଥ-ଆମ୍ବଟାକୁଆରେ ଖେଳ - (Marhathi Dictionary, Molesworth), କୋଥ, କୋୟ ଉଭୟ ପାଠ ଅଛି ।

କୃପ ଆଚାର୍ୟେ ତାହା ଘେନି ଅଇଲେ ବହନ
ଗୁଗୁଚିୟା ଶର ଗୋଟିୟେ ଘେନିଲେକ ଦ୍ରୋଣ । ୩୮ । ସଂଖ୍ୟା
ମନ୍ତ୍ର ପଢି ମାଇଲେ ସେ କୂପର ଭିତରେ
ଗୁରୁଚିୟା ଶର ଯାଇ ବସିଲା ଲାଟର ଉପରେ । ୩୯ ।
ପୁଣ ଆରେକ ଗୋଟିୟେ ଦିଲେ ଦ୍ରୋଣ ଫିଙ୍ଗି
ସେ ଗୋଟି ଉପରେ ୟେ ଗୋଟି ବସିଲା ଯାଇ ବେଗି । ୪୦ । ସଂଖ୍ୟା
ପୁଣ ଗୋଟିଏ ଫିଙ୍ଗି ଦିଲେ ଭିତରେ
ୟେ ଗୋଟି ବସିଲା ଯାଇ ସେ ଗୋଟି ଉପରେ । ୪୧ । ସଂଖ୍ୟା
ଦ୍ରୋଣଙ୍କର ମନ୍ତ୍ର ମହିଂମା ଦେଖନ୍ତି ସର୍ବ ନୃପ କୁମରେ
ଗୁଗୁଚିଆ ଶର ଛାଡିଲେ ସାତ ତାଳ କୂପରେ । ୪୨ । ସଂଖ୍ୟା
ଦ୍ରୋଣେ ଘେନିଲେ ଯେଉଂ ଉପର ଶର ଗୋଟି
କୂପରୁ ବାହାର ଯେ ହୋଇ ଅଇଲା ଲାଟ ଗୋଟି । ୪୩ । ସଂଖ୍ୟା
ଭୀଷ୍ମଙ୍କ ଛାମୁରେ ଯେ ପକାଇଲେ ନେଇ
ସମସ୍ତେ ଆଶ୍ଚିଜ ହୋଇଲେ ତାହା ଚାହିଂ । ୪୪ ।
କାହାକଇଂ ଗୋଚର ନାହିଂ ନ ଦିଶଇ ବାଟ
ଗୁଗୁଚିଆ ନାରାଜେ ସେ ବାହାର ହୋଇଲା ଲାଟ । ୪୫ ।
ଗୁରୁଶ୍ରେଷ୍ଠ ହୋଇଲ ହୋ ତୁମ୍ଭେ ଦ୍ୱିଜବର
ୟେ ଘାନ୍ତି ଜାଣିବା ଦେଖି ବିଦ୍ୟା ଯେ ତୁମ୍ଭର । ୪୬ ।
ହସ୍ତରୁ ବଛା ମୁଦି ପକାଇଲେ କୂପରେ ଦ୍ରିଯୋଧନ
ୟେ ଘାନ୍ତି ବୁଝିବା ନ ତୋହୋର ମନ୍ତ୍ର ଗୁଣ ପୁଣ । ୪୭ ।
ଦ୍ରୋଣେ ବୋଇଲେ ୟେ ନୋହେ ଅସଂକ୍ଷେପ
ସମୋଦ୍ର ନଦୀ ନୋହଇ ୟେ ଛାର ମାତ୍ର କୂପ । ୪୮ ।
ପ୍ରତଗ୍ୟାଂ ଗାଢ ଦେଖିଣ ଦ୍ରିଯୋଧନ ହଟୁଂ
ହସ୍ତୁଂ ଦ୍ରୋଣେ ଆପଣେ ଯେ କାଢିଲେ କୁଶବଟୁ । ୪୯ ।
କୁଶବଟୁ ପକାଇଲେ କୂପର ଭିତରେ
ମୁଦି ଆବୋରି ବସିଲା ଯାଇ ଚାରି ଫେରେ । ୫୦ ।

--------

୪୩ ।୧ ଦ୍ରୋଣେ ତୋଳିଲେ ସେ ଉପର ଫଳ ଗୋଟି ।

୪୯ ।୧  ପ୍ରୋଢି ଗାଢ ଦେଖି ଦ୍ରିଯୋଧନ ହଟୁଂ ।
୪୭ ।୧  ବଛା-ଉକୃଷ୍ଟ

ଆସ ରେ ବୋଲିଣ ଡାକ ଦିଲେ ଦ୍ରୋଣ ଗୁରୁ
କୁଶବଟୁ ଲାଗି ମୁଦି ବାହାର ହୋଇଲା କୂପରୁ । ୫୧ ।
ଭୀଷ୍ମଙ୍କ ଛାମୁରେ ମୁଦି ପକାଇଲେ ନେଇ
ଭୀଷ୍ମେ ଆଶ୍ରିଜ ହୋଇଲେ ତାହାକଇଂ ଚାହିଂ । ୫୨ ।
ଭୀଷ୍ମେ ବୋଇଲେ ଶୁଣସି ହୋ ବ୍ରାହ୍ମଣ
ଭାରଦ୍ୱାଦଶଙ୍କ ନନ୍ଦନ ଅଟ କି ତୁମ୍ଭେ ଦ୍ରୋଣ । ୫୩ ।
କୃପ ଆଚାର୍ଯ୍ୟେ ବୋଇଲେ ଯେହି ସେ ଦ୍ରୋଣ ଅଟନ୍ତି
ପ୍ରଶୁରାମଙ୍କ ବିଦ୍ୟା ଯେ ସମସ୍ତ ଜାଣନ୍ତି । ୫୪ ।
ଭୀଷ୍ମେ ବୋଇଲେ ଦ୍ରୋଣେ ଦୟା କର ଯେ ପୁଅଙ୍କୁ
ବିଦ୍ୟାଗୁରୁ ହୋଇ ବିଦ୍ୟା ଖିଖାଅ ହୋ ଯେହାଙ୍କୁ । ୫୫ ।
ଅନେକ ବାଗେ ବୋଇଲେ କୃପ ଯେ ଆଚାର୍ଯ୍ୟେ
ତହୁଂ ବିଦ୍ୟାଗୁରୁ ହୋଇଲେ ଭାରଦ୍ୱାଦଶଙ୍କର ଆତ୍ମଜେ । ୫୬ ।
ତୁଳ ମାସ କୃଷ୍ଣ ପକ୍ଷ ଚଉଠୀ ଗୁରୁବାର
ରୋହିଣୀ ନକ୍ଷତ୍ର ଯେ ବୃଷ ରାଶି ଅଟଇ ସେ ଦିନର । ୫୭ । horoscope
ତୈତିଳ ନାମେ କରମ ଶିବ ନାମେ ଯୋଗ
ତୁଳ ସଂକ୍ରାନ୍ତିକି ପଚିଶ ଦିନ ଭୋଗ । ୫୮ । horoscope
ସେ ଦିନ ବିଦ୍ୟାକୁ ଅନକୂଳ କଲେ ଦ୍ରୋଣ
ଗଣନାଥ ଆଖଡା ଚଣ୍ଡୀ ପୂଜିଲେ ତତକ୍ଷଣ । ୫୯
ସକାଳ ସନ୍ଧ୍ୟାୟେ ବେନି ବେଳ ସାଧନ୍ତି ଆଖଡା
ମଧ୍ୟାହ୍ନ ବେଳେ ପାଠ ପଢନ୍ତି ସର୍ବ ବୀରା । ୬୦
ଧାଉଡି ଆକ୍ରଷଣ ମାଲ ଯେ ଗୁଳୁଗୁଞ୍ଜି
ପଟା କୋନ୍ତ ବିନ୍ଧାଣ ସମସ୍ତ ଗୁରୁ ସଞ୍ଜି । ୬୧
ବେଦ ଶାହାସ୍ତ୍ର ମନ୍ତ୍ରେ କଲେକ ନିର୍ଜିତ
ଯେ ମନ୍ତ୍ରେଣ ଶିଷ ହୋଇଲେ ନିବିଡିତ । ୬୨
------
୬୧      ଆରଣ ଆକର୍ଷଣ ମାନ ଗୁଳୁଗୁଞ୍ଜା
        ପଟ୍ଟ କୋନ୍ତ ଭାଲ ବିନ୍ଧାମ ସର୍ବ ସଞ୍ଜା ।
୬୨ ।୨  ଯେମନ୍ତେଣ ସମସ୍ତ ବୀରା ଚିଲା ଯେ ମାରନ୍ତା
        ସମସ୍ତ ଶାହାସ୍ତ୍ର ମାନ କରନ୍ତି ମୁଖ ହସ୍ତା ।
୬୨ ।୨  ନିବିଡିତ-କୁଶଳ, ସୁସ- ନ୍ନ

ଯୁଝେଷ୍ଠି ଭୀମ ଅର୍ଜୁନ ନକୁଳ ସହଦେବ
ଦ୍ରିଯୋଧନ ଯେକ ଉତ୍ତର ଶତେ ଭ୍ରାଥ ଅଶସ୍ତମା ରାଧେବ । ୬୩ । ସଂଖ୍ୟା
ଯେମନ୍ତେ ଆଠ ଉତ୍ତର ଶତେ ଭାଇ
ପ୍ରଶୁରାମଙ୍କର ବିଦ୍ୟା ଦ୍ରୋଣେ ସମସ୍ତ ଶିଖାଇ । ୬୪ । ସଂଖ୍ୟା
ଲାଖପଟା ଆକାଶ ତଳେ କଲେ ନେଇ
ସମସ୍ତଙ୍କୁ ଅଦୃଶ୍ୟ ହୋଇବାର ପାଇଂ । ୬୫ ।
ପଟା ଜଳା କଲେ ଯେକୋଇଶ ଗୋଟି
ଦ୍ରିଯୋଧନ ବିନ୍ଧନ୍ତେ ଜଳା ପାଖେ ବସଇଟି । ୬୬ ।ସଂଖ୍ୟା
ନୋହିଲେଣ ଚନ୍ଦ୍ର ଉପରେଣ ବସି
ଭୀମର ବିନ୍ଧନ୍ତେ ଜଳା ଆନଠାରେ ପଶି । ୬୭ ।

ଧୁଶାସନ କେହି ନ ବିନ୍ଧେ ସମର କରି
ଦ୍ରୋଣେ ସେ ସାତତାଳ ବିନ୍ଧନ୍ତି ଅନୁସରି । ୬୮ । ସଂଖ୍ୟା
କର୍ଣ୍ଣର ହସ୍ତରେ ନେଇ ଦିଲେକ ଯେ ଧନୁ
ବାଙ୍କ ଚନ୍ଦ୍ର ଦୁଇ ବିନ୍ଧଇ ରାଧେବର ତନୁ । ୬୯ ।
ଦେଖିଣ ହରଷ ମନ  ହେଲେ ଦ୍ରିଯୋଧନ
ଚମତ୍କାର ପଡଇ ପାଣ୍ଡେବଙ୍କର ମନ । ୭୦ ।
ଅର୍ଜୁନର ହସ୍ତେ ଗୁରୁ ଦିଲେ ନେଇ ଚାପ
ବାଙ୍କ ଚନ୍ଦ୍ରକୁ ଗଳାଇ ବିନ୍ଧ ହେ ପାର୍ଥିବ । ୭୧ ।
ଗୁରୁଙ୍କୁ ନମସ୍କାର କରି ଧନୁରେ ନାରାଜ ବସାଇ
ବାଙ୍କଚୂଳି ଚନ୍ଦ୍ରେ ଅଠର ଦ୍ୱାରେ ଶର ଯାଇ । ୭୨ । ସଂଖ୍ୟା
ଦେଖିଣ ଚମତ୍କାର ହୋଇଲେ ଦ୍ରିଯୋଧନ
ଗୁରୁଙ୍କର ତହୁଂ ତ ହୋଇଲେ ଅଧିକ ଅର୍ଜୁନ । ୭୩ ।
ଅଶତ୍ତମା ହସ୍ତେ ଧନୁ ପିତା ଦିଲେ ନେଇ
ଯେ ଚନ୍ଦ୍ରକୁ ବାଣ ବିନ୍ଧରେ ବାଳ ଯେ ତନଇ । ୭୪ ।
କରେ ନାରାଜ ଧରି ଧନୁରେ ଗୁଣ ଦିଲା
ପିତା ନାମ ଧରି ବିନ୍ଧନ୍ତେ ପଞ୍ଚଚନ୍ଦ୍ରେ ନାରାଜ ଚଳି ଗଲା । ୭୫ ।
ଦେଖିଣ ଦ୍ରୋଣ ଯେ ହୋଇଲେ ଚକିତ
ବାସବି ରାଧେବକୁ କେହି ନୋହିଲେ ସାମର୍ଥ । ୭୬ ।
--------
୬୮ ।୧  କେହି-କିପରି

ଢାଲ ଫରି ଆତଣ ପାଟଣ ଓହାତଣ
କର୍ଣ୍ଣର ତୁଲେ ସମକକ୍ଷ ହୋଇବ ଅର୍ଜୁନ । ୭୭ ।
ଦ୍ରିଯୋଧନର ତୁଲେ ଭୀମସେନ
ମାଲ ବିଦ୍ୟାରେ ପଥରେ ପକାନ୍ତି ସମାନ । ୭୮ ।
ନକୁଳ ଧୁଶାସନ ଘେନିଣ ଶାବେଳୀ
ଶତ ଭେଡା ପରିଯନ୍ତେ ନକୁଳ ଦିଯେ ପେଲି । ୭୯ । ସଂଖ୍ୟା
ଧୁଶାସନ ଦିଅଇ ପଞ୍ଚାବନ ଭେଡା
ଅଶତ୍ତମା ଦିଅଇ ପଞ୍ଚାଶୀ ପହଣ୍ଡ ଛଡା । ୮୦ । ସଂଖ୍ୟା
ଦୁଇଶତ ଭେଡା ଘୁଞ୍ଚାଇ ଦିଅଇ ଅର୍ଜୁନ
ଶତ ଭେଡା ଘୁଞ୍ଚାଇ ଦିଅଇ ବୀର କର୍ଣ୍ଣ । ୮୧ । ସଂଖ୍ୟା
ଦେଖିଣ ଦ୍ରିଯୋଧନ ହୁଅଇ ତାତିଷ୍ଠ
ସାଧୁ ସାଧୁ ଧନ୍ୟ ରେ ତୁ ପଣ୍ଡୁ ରାଜାର ଚାଟ । ୮୨ ।
ମାଲ ବିଡମ୍ବଣ ସମ ବିଦ୍ୟା ସିଦ୍ଧି
ଧନୁ ସାୟକ ବିଦ୍ୟା ସମସ୍ତେ ହେଲେ ସାଧ୍ୟ । ୮୩-୩୬୫୪ ।
------
୮୨ ।୧  ତାତିଷ୍ଠ-କାତର ।
********